## ସଂକ୍ଷେପରେ

### କାର୍ ସହ ୬୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ବ୍ରହ୍ମପୁର/ଗୋପାଳପୁର, ୨୪।୧୧ (ସୁବାସ ଚନ୍ଦ୍ର ପାଢ଼ୀ/ନବୀନରାଜ ଆଚାରୀ)

ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ଶନିବାର ଗୋଳନ୍ଥରା ନିକଟରେ ଜଣେ ଗଞ୍ଜେଇ ଚାଲାଣକାରୀଙ୍କୁ କାବୁ କରିଥିଲା। ଅନ୍ୟଜଣେ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତ ଜଣଙ୍କ ଗଜପତି ଜିଲା ଅଡ଼ବା ଥାନା ଅନ୍ତରବା ପଣସପଦର ଗ୍ରାମର ଜିସୟ ମାଝୀ। ଏହା ସହିତ ଏକ କାର୍ ନଂ(ଓ ୦୨ - ବିସି- ୮୩୯୦), ୬୦ କେଜି ଗଞ୍ଜେଇ ଓ ଗୋଟିଏ ମୋବାଇଲ ଜବତ ହୋଇଥିବା ଡିଏସପି ଶ୍ରୁତିକାନ୍ତ ରାଉତ କହିଛନ୍ତି। ଫେରାର୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ଅବକାରୀ ଟିମ ଉଦ୍ୟମ ଜାରି ରଖିଛି। ଏକ କାର୍‌ରେ ଗଂଜେଇ ଭର୍ତ୍ତି ହୋଇ ନୂଆ ବସଷ୍ଟାଣ୍ଡ ପଟେ ଆସୁଥିବା ଖବର ମିଳିଥିଲା। ଉଚିତ ସ୍ଥାନରେ ବିଭାଗୀୟ କର୍ମଚାରୀ ଛକି ରହିଥିଲେ। କାର୍ ଡ୍ରାଇଭର୍ ଅବକାରୀ ଟିମ୍‌କୁ ଦେଖି ଗୋଇଲୁଣ୍ଡି ପଟେ କମାପଲ୍ଲୀ ଓଭରବ୍ରିଜ ଦେଇ ଜାତୀୟ ରାଜପଥ ୧୬ରେ ଚାଲି ଯାଇଥିଲା। ଅବକାରୀ ଟିମ ପିଛା କରି ଗୋଳନ୍ଥରା ଥାନା ନିକଟରେ କାର୍‌କୁ ଧରିଥିଲା। ସେଠାରୁ ଜଣେ ଫେରାର୍ ହୋଇଥିବା ବେଳେ ଅନ୍ୟ ଜଣେ ଧରାପଡିଥିଲେ। ଇନ୍ସପେକ୍ଟର ନାରାୟଣ ଜେନା, ଏସଆଇ ଅଜିତ କୁମାର ନାୟକ, ଏଏସଆଇ ସୁଶାନ୍ତ ମହାକୁଡ , କନଷ୍ଟେବଲ ପ୍ରବୀର ସାମଲ, ବଳରାମ ସ୍ୱାଇଁ, କୁମୁଦ ପ୍ରଧାନ, ବଳରାମ ଜେନା, କପିଳାଶ ଭତ୍ରା ଓ ସନ୍ତୋଷ ନାୟକ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ରାମଲିଙ୍ଗେଶ୍ୱର ପାର୍କରେ ହେବ ବାଜପେୟୀଙ୍କ ପ୍ରତିମୂର୍ତ୍ତି

ବ୍ରହ୍ମପୁର,୨୪।୧୧ (ନରସିଂହ ସାହୁ)

ରାମଲିଙ୍ଗେଶ୍ୱର ପାର୍କ ପରିସରରେ ସ୍ଥାପିତ ହେବ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି। ରବିବାର ଚିହ୍ନଟ ସ୍ଥାନରେ ଶୁଭ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଧାୟକ କେ. ଅନିଲ କୁମାର, ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ବିଧାୟକଙ୍କ ପ୍ରତିନିଧି ଅଶୋକ ଶୁକ୍ଳଙ୍କ ସମେତ କେତେକ କର୍ପୋରେଟର ଏବଂ ଭାଜପା ନେତା ଓ କର୍ମୀ ଯୋଗ ଦେଇଥିଲେ। ପ୍ରତିମୂର୍ତ୍ତି ବିଧାୟକ ପକ୍ଷରୁ ନିର୍ମିତ ହେବ ବୋଲି କୁହାଯାଇଛି।

### ରଜକ ସମାଜର ବାର୍ଷିକ ସମ୍ମିଳନୀ

ଆସିକା,୨୪।୧୧(ସୁରେନ୍ଦ୍ର ନାଥ ସାହୁ): ଆସିକା ରଜକ ସମାଜର ଦ୍ୱିତୀୟ ବାର୍ଷିକ ସମ୍ମିଳନୀ ରବିବାର ସ୍ଥାନୀୟ କାଳିମୁଖୀ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଆସିକା ମୁଠା ସଭାପତି ସତ୍ୟନାରାୟଣ ସେଠୀ, ସଂପାଦକ ପ୍ରଭାକର ସେଠୀ, ସନ୍ତୋଷ କୁମାର ବେହେରା, ଅଜୟ ସେଠୀ, କାଳିଚରଣ ବେହେରା, ଦଣ୍ଡପାଣି ବେହେରା, ଭାସ୍କର ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ମତବ୍ୟକ୍ତ କରିଥିଲେ । ବୈଠକରେ ସମାଜର ସାଂଗଠନିକ ଆଲୋଚନା, ଗଠନମୂଳକ କାର୍ଯ୍ୟ, ସମାଜର ଗୃହ ନିର୍ମାଣ, ଛାତ୍ରୀଛାତ୍ରଙ୍କ ଲାଗି ଉଚ୍ଚଶିକ୍ଷା, ବାଲ୍ୟ ବିବାହ ବନ୍ଦ କରିବା ଏବଂ ନିଜର ପିଲାଙ୍କୁ ଅଧୟନ ଉପରେ ଗୁରୁତ୍ୱ ଦେବା ସହ ଗରିବ ଝିଅମାନଙ୍କୁ ବିବାହ ଲାଗି ଆର୍ଥିକ ସହାୟତା, ଅର୍ଥ ଅଭାବରୁ ପାଠ ପଢିପାରୁ ନ ଥିବା ସମାଜର ପିଲାଙ୍କ ଲାଗି ସହୟତା ସମ୍ପର୍କରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ଆସିକା, ଦେବଭୂମି, କାଳଷଣ୍ଢପୁର, ଦାମୋଦରପଲ୍ଲୀ, କୁରୁଳା ଆଦି ଅଞ୍ଚଳର ସମାଜର କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ୧୦ ମାସରେ ୪୨ ଜୀବନ ଗଲା

ବ୍ରହ୍ମପୁର, ୨୪।୧୧(ସୁବାସ ଚନ୍ଦ୍ର ପାଢ଼ୀ)

- ଗଞ୍ଜାମ ଜିଲାରେ ଦାଦନ ଯନ୍ତ୍ରଣା
- ପଞ୍ଜୀକୃତ ହେଉ ନ ଥିବାରୁ ମିଳୁନି ସହାୟତା

ଶିଳ୍ପବିହୀନ ଗଞ୍ଜାମ ଜିଲାରେ ବେକାରୀ ସମସ୍ୟା ବଢ଼ିବାରେ ଲାଗିଛି। ଚାଷକାର୍ଯ୍ୟରେ ସେଭଳି ସୁଯୋଗ ନ ଥିବାରୁ ଅଧିକାଂଶ ବେକାର ଯୁବତୀଯୁବକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। କିନ୍ତୁ ସେମାନଙ୍କ ସମ୍ପର୍କରେ ଶ୍ରମ ବିଭାଗ ନିକଟରେ କୌଣସି ଖବର ରହୁନାହିଁ। ଅନ୍ୟ ରାଜ୍ୟରେ ସେମାନେ ନିର୍ଯାତିତ ହେଲେ କିମ୍ବା ମୃତ୍ୟୁ ପଡ଼ିଥିବା ସେମାନଙ୍କ ପରିବାରଠୁ ଅଭିଯୋଗ ଆସିବା ପରେ ହିଁ ବିଭାଗ ଜାଣୁଛି। ତେବେ ପଞ୍ଜୀକୃତ ହୋଇ ନ ଥିବାରୁ ସେମାନଙ୍କୁ କିମ୍ବା ପରିବାରକୁ କୌଣସି ସରକାରୀ ସହାୟତା ମିଳୁନାହିଁ। ଦାଦନ ଯାଉଥିବା ଲୋକମାନେ ନିଜର ସାମାଜିକ ପ୍ରତିଷ୍ଠା କ୍ଷୁର୍ଣ୍ଣ ହେବା ଭୟରେ ନାମ ପଞ୍ଜୀକରଣ କରୁ ନ ଥିବା ଏହାର କାରଣ ହୋଇଛି। ଗତ ୧୦ମାସ ମଧ୍ୟରେ ଗଞ୍ଜାମ ଜିଲାର ୪୨ ଦାଦନ ଶ୍ରମିକଙ୍କ ବିଭିନ୍ନ ରାଜ୍ୟରେ ମୃତ୍ୟୁ ହୋଇଛି। ଜିଲାରେ ୩ଲକ୍ଷରୁ ଅଧିକ ନିର୍ମାଣ ଶ୍ରମିକ ନାମ ପଞ୍ଜୀକରଣ କରିଛନ୍ତି। ନାମ ପଞ୍ଜୀକରଣ ପରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ସରକାରୀ ଆର୍ଥିକ ସହାୟତା ସେମାନେ ପାଉଛନ୍ତି। ଦାଦନ ଶ୍ରମିକମାନେ ବାହାର ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ କାମ କରୁଛନ୍ତି। ସାମାଜିକ ପ୍ରତିଷ୍ଠା ବଜାୟ ରଖିବା ପାଇଁ ୯୦ ପ୍ରତିଶତ ଦାଦନ ଶ୍ରମିକ ତଥ୍ୟ ପ୍ରଦାନ କରୁନଥିବାରୁ ଶ୍ରମ ବିଭାଗ ନିକଟରେ କୌଣସି ରେକର୍ଡ ରହୁନାହିଁ। ଏକ ସୂତ୍ରରୁ ଜଣାପଡିଛି ଯେ, ଗଞ୍ଜାମ ଜିଲାର ପ୍ରାୟ ୬ଲକ୍ଷ ଲୋକ ବିଭିନ୍ନ ରାଜ୍ୟରେ ଦାଦନ ଖଟୁଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୭୦ ପ୍ରତିଶତ ଲୋକ ସୁରଟର ବିଭିନ୍ନ ସୂତାକଳରେ କାମ କରୁଛନ୍ତି।

ବିଭିନ୍ନ ସମୟରେ କର୍ମସ୍ଥଳରେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟୁଛି। ମୃତ୍ୟୁ ପରେ ବହୁ ଲୋକଙ୍କ ମୃତଦେହ ଘରକୁ ମଧ୍ୟ ଆସିପାରୁ ନାହିଁ। ଏପରିକି କମ୍ପାନୀ ତରଫରୁ ପରିବାରକୁ ସେଭଳି କିଛି ଆର୍ଥିକ ସହାୟତା ମଧ୍ୟ ଦିଆଯାଉ ନାହିଁ। ଫଳରେ ଅନେକ ପରିବାର ପୂରା ଉଜୁଡି ଯାଉଛି। ଏଥିପାଇଁ ଦାଦନ ଶ୍ରମିକଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ରଖିବା ସହ ସରକାରୀ ସହାୟତା ପ୍ରଦାନ ଦିଗରେ ସରକାର ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଜଣେ ଅଣକୁଶଳୀ କାରିଗର ପାଇଁ ସର୍ବନିମ୍ନ ଦୈନିକ ମଜୁରୀ ୪୫୨ ଟଙ୍କା ରହିଛି। କିନ୍ତୁ ସୁରଟର ସୂତାକଳରେ ଅଧିକ ସମୟ କାମ କଲେ ସେହି ଅନୁସାରେ ମଜୁରୀ ମିଳିବ। ସେଠାରେ ଅଧିକ ପ୍ରାପ୍ୟ ଥିବାରୁ ଲୋକେ ସେଠାକୁ ଯାଉଛନ୍ତି। ସୁରଟରେ ୮/୧୦ଜଣ ଗୋଟିଏ ଛୋଟ ଘରେ ରହି ଯାଉଛନ୍ତି। ପରିବାରର ବୋଝ ରହୁ ନାହିଁ। ଏଣୁ ଅଧିକ ରୋଜଗାର ଆଶାରେ ଲୋକେ ଦାଦନ ଖଟିବାକୁ ଯାଉଛନ୍ତି। ଏ ସମ୍ପର୍କରେ ବ୍ରହ୍ମପୁର ଜିଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ କହନ୍ତି, ପଞ୍ଜିକୃତ କଣ୍ଟ୍ରାକ୍ଟଙ୍କ ଜରିଆରେ ବାହାର ରାଜ୍ୟକୁ କାମ କରିବାକୁ ଯାଉଥିବା ଶ୍ରମିକଙ୍କ ସୂଚନା ରହୁଛି। ୨୦୨୩-୨୪ରେ ୭୨ କଣ୍ଟ୍ରାକ୍ଟଙ୍କ ଜରିଆରେ ୩୦୪୩ଜଣ, ୨୦୨୪-୨୫ରେ ବର୍ତ୍ତମାନ ସୁଦ୍ଧା ଗଞ୍ଜାମ ଜିଲାରୁ ୩୯ କଣ୍ଟ୍ରାକ୍ଟଙ୍କ ଜରିଆରେ ୧୭୫୧ଜଣ ବାହାର ରାଜ୍ୟକୁ କାମ କରିବାକୁ ଯାଇଛନ୍ତି।

# ଆଇସିକ୍ୟୁସିସିରେ ଟିପିଏସ୍‌ଓଡିଏଲ୍‌କୁ ୫ ସ୍ୱର୍ଣ୍ଣ ପଦକ



ଟିପିଏସଓଡିଏଲକୁ ମିଳିଥିବା ପୁରସ୍କାର।

ବ୍ରହ୍ମପୁର,୨୪।୧୧(ସ୍ମୃତି ରଂଜନ ମହାଲିକ)

ଟିପିଏସଓଡିଏଲ ଅନ୍ତର୍ଜାତୀୟ କନଭେନସନ ଅନ କ୍ୱାଲିଟି କଣ୍ଟ୍ରୋଲ ସର୍କଲରେ ୫ ସ୍ୱର୍ଣ୍ଣ ପଦକ ପାଇଛି। ଶ୍ରୀଲଙ୍କା ଆସୋସିଏସନ ଫର ଆଡଭାନ୍ସମେଣ୍ଟ ଅଫ କ୍ୱାଲିଟି ଆଣ୍ଡ ପ୍ରୋଡକ୍ଟିଭିଟି (ଏସଏଲଏଏକ୍ୟୁପି) ଦ୍ୱାରା କଲମ୍ବୋଠାରେ ଏକ କାର୍ଯ୍ୟକ୍ରମ ହୋଇଥିଲା। ଚଳିତ ବର୍ଷର ବିୟଣ୍ଡ ବାଉଣ୍ଡରିଜ ଏ କ୍ୱେଷ୍ଟ ଫର୍ କ୍ୱାଲିଟି, ପ୍ରୋଡକ୍ଟିଭିଟି ଆଣ୍ଡ ଇନୋଭେସନ ଥିମ ହିଥିଲା। ଏଥିରେ ୧୪ ଦେଶରୁ ୧୦୮୩ ଟିମ ଯୋଗ ଦେଇଥିଲେ। ଗୁଣବତ୍ତା କ୍ଷେତ୍ରରେ ଉତ୍କର୍ଷତା ପାଇଁ ସମସ୍ତେ ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲେ।

ଅଭିନବ ସମାଧାନ ଏବଂ ଗୁଣବତ୍ତାରେ ଉନ୍ନତି କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ପାଇଁ ଟିପିଏସଓଡିଏଲ ଟିମ ପୁରସ୍କୃତ ହୋଇଛି। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଆଇସିକ୍ୟୁସିସି ୨୦୨୪ରେ ଉତ୍ତମ ପ୍ରଦର୍ଶନ କରିଥିବା ସମସ୍ତ ଟିମକୁ ସେ ଶୁଭେଚ୍ଛା ଜଣାଇବା ସହ କର୍ମଚାରୀଙ୍କ ଦଳଗତ ପ୍ରୟାସ ଓ ନିଷ୍ଠାପର ସେବାକୁ ପ୍ରମାଣିତ କରୁଛି ବୋଲି ସେ କହିଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ଏହି ସମ୍ମାନ ଭରସାଯୋଗ୍ୟ, ସୁରକ୍ଷିତ ଓ ଗ୍ରାହକ-କୈନ୍ଦ୍ରିକ ସେବା କ୍ଷେତ୍ରରେ କମ୍ପାନୀର ଭିଜନକୁ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ସେ କହିଛନ୍ତି।

# ୧୦ରେ ବିଇଏମ୍‌ସି ଘେରାଉ ନିଷ୍ପତ୍ତି



ସମ୍ମିଳନୀରେ ଉପସ୍ଥିତ ସିପିଆଇ ନେତା।

ବ୍ରହ୍ମପୁର,୨୪।୧୧(ନରସିଂହ ସାହୁ)

**ସିପିଆଇ ସହର ଶାଖାର ମିଳିତ ସମ୍ମିଳନୀ**

ସିପିଆଇର ବ୍ରହ୍ମପୁର ସହର ଶ୍ରମିକ, ଯୁବ, ଛାତ୍ର ଓ ମହିଳା ଶାଖାର ମିଳିତ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ପାର୍କ ସାହିସ୍ଥ ଜିଲା କାର୍ଯ୍ୟାଳୟରେ ହୋଇଥିବା କାର୍ଯ୍ୟକ୍ରମରେ ବରିଷ୍ଠ ବାମପନ୍ଥୀ ନେତା ସୁଧାଂଶୁ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କମ୍ୟୁନିଷ୍ଟ ପାର୍ଟିର ଗାରିମା ଓ ସଂଗ୍ରାମ ସମ୍ପର୍କରେ ଆଲୋକପାତ କରିଥିଲେ। ସିପିଆଇ ଜିଲା ସମ୍ପାଦକ ପ୍ରକାଶ ପାତ୍ର ମିଳିତ ସମ୍ମିଳନୀରେ ଭାଷଣ ପ୍ରସଙ୍ଗରେ ଭାଜପା ନେତୃତ୍ୱ ଡବଲ ଇଞ୍ଜିନ ସରକାରଙ୍କ ଜନ ବିରୋଧୀ ନୀତିର ସମାଲୋଚନା କରିଥିଲେ। ପ୍ରତିବାଦ ପାଇଁ ୪ଟି ଯାକ ସଂଗଠନ ଏକଜୁଟ ହୋଇ ଆନ୍ଦୋଳନ କରିବାକୁ ଗୁରୁତ୍ୱ ଦେଇଥିଲେ। ସହର ଶାଖା ସମ୍ପାଦକ ପ୍ରଫୁଲ ଜେନା ସମ୍ମିଳନୀରେ ସଭାପତିତ୍ୱ କରି ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବିଶିଷ୍ଟ ଶ୍ରମିକ ନେତା ପ୍ରବୀଣ କୁମାର ଦାସ ସରକାରଙ୍କ ଶ୍ରମିକ ମାରଣ ନୀତିର ନିନ୍ଦା କରିଥିଲେ।

ଯୁବ ସଂଘ ସର୍ବଭାରତୀୟ ଉପସଭାପତି ପ୍ରଦୀପ ସେଠୀ, ବ୍ରହ୍ମପୁର ଆଞ୍ଚଳିକ ସମ୍ପାଦକ କାମଦେବ ନାହାକ, ରବିନ୍ଦ୍ର ନାୟକ, କାଳି କିଙ୍କର ପାତ୍ର, ରୋହିତ ବିଶୋଇ, ପ୍ରତିମା ଦେବୀ, ରାମଚନ୍ଦ୍ର ପାତ୍ର, ଏ. ସୁଧୀର, ଗାଗାରିନ ନାୟକ, ମହେନ୍ଦ୍ର ପାତ୍ର, ଜିତେନ୍ଦ୍ର ଦୋରା ପ୍ରମୁଖ ବିଭିନ୍ନ ପ୍ରସଙ୍ଗ ଉପରେ ମତ ରଖିଥିଲେ। ମହାନଗର ନାଳନର୍ଦ୍ଦମା, ରାସ୍ତାଘାଟ ଓ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ପ୍ରତିବାଦରେ ଆସନ୍ତା ୧୦ ତାରିଖରେ ସିପିଆଇ ମହାନଗର ନିଗମ (ବିଇଏମସି) ଅଫିସ ଘେରାଉ କରିବ ବୋଲି ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ମହିଳା ଶାଖାର ସମ୍ପାଦିକା ଭାବେ ବିଷ୍ଣୁପ୍ରିୟା ନାୟକ ଓ ପ୍ରତିମା ଦେବୀ ନିର୍ବାଚିତ ହୋଇଛନ୍ତି।

# ଗଞ୍ଜାମରେ ଶହେ ଛୁଇଁଲା ଡେଙ୍ଗୁ

ବ୍ରହ୍ମପୁର, ୨୪।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବର୍ତ୍ତମାନ ଏହି ସଂଖ୍ୟା ଶହେ ଛୁଇଁଛି। ପଜିଟିଭ ସଂଖ୍ୟା ୧୦୨ରେ ପହଞ୍ଚିଛି। ଏମ୍‌କେସିଜି ମେଡିକାଲ କାଜୁଆଲ୍ଟିରେ ଡେଙ୍ଗୁ ୱାର୍ଡ କରାଯାଇଛି। ଡେଙ୍ଗୁ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ଟିମ ଲୋକଙ୍କୁ ସଚେତନ କରିବା ଉଦ୍ୟମ ଜାରି ରଖିଛି। ଜିଲାରେ ବର୍ଷା ନଥିବାବେଳେ ପୂର୍ବ ବର୍ଷାରେ ଖାଲୁଆ ସ୍ଥାନରେ ଏବେ ବି ପାଣି ଜମି ରହିଛି। ବିଭିନ୍ନ ଆବର୍ଜନା ଗଦାରେ ପଡି ରହିଥିବା ପଇଡ଼ ଖୋଳପା, ଟାୟାର୍, ଭଙ୍ଗା ବାଲଟିରେ ପାଣି ଭର୍ତ୍ତି ରହୁଛି। ଦୀର୍ଘଦିନ ଧରି ସେଠାରେ ପାଣି ଜମା ରହିବା ଫଳରେ ଡେଙ୍ଗୁ ରୋଗର ବାହାକ ଏଡିସ ମଶା ସୃଷ୍ଟି ହୋଇ ତାହା ରୋଗର କାରଣ ସାଜୁଛି। ଅଧିକ ଦିନ ଧରି ଜ୍ୱରରେ ପିଡିତ ହେବା ପରେ ରୋଗୀଙ୍କ ଡେଙ୍ଗୁ ପରୀକ୍ଷା କରାଯାଉଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ମୋଟ ୩ ୪୨୯ ନମୁନା ପରୀକ୍ଷା କରାଯାଇଛି। ତନ୍ମଧ୍ୟରୁ ୧୦୨ ନମୁନା ପଜିଟିଭ ଚିହ୍ନଟ ହୋଇଛି। ସେଥିରୁ ୪୯ ରୋଗୀ ବାହାର ରାଜ୍ୟର ସଂକ୍ରମିତ ହୋଇଥିବାବେଳେ ଜିଲାର ୫୩ ରୋଗୀ ଥିବା ବିଭାଗୀୟ ସୂଚନା ଦିଆଯାଇଛି।

# ରୋଟାରୀ କ୍ଲବର ଯୁବ ସମାବେଶ ଉଦ୍‌ଯାପିତ


ଅତିଥିଙ୍କ ଗହଣରେ ସଫଳ ପ୍ରତିଯୋଗୀ।

ବ୍ରହ୍ମପୁର, ୨୪।୧୧(ସ୍ୱାଧୀନ ଶେଖର ପାଢ଼ୀ)

ରୋଟାରୀ କ୍ଲବ ବ୍ରହ୍ମପୁର ପକ୍ଷରୁ ଯୁବ ସମାବେଶ ରବିବାର ଆରସିଏସ ହଲ ଠାରେ ଉଦଯାପିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଏଡ଼ିଜେ. ଡବ୍ଲୁ. ଧ୍ୱନତନ୍ତ୍ରୀ ଯୋଗଦେଇ କୃତି ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାରେ ୩୦ ସ୍କୁଲକୁ ନେଇ ୩୬ ପ୍ରକାର ପ୍ରତିଯୋଗିତା ଖଲ୍ଲିକୋଟ ଏକକ ବିଶବିଦ୍ୟାଳୟ, ସାହିଲ ଲାଇଫଷ୍ଟାଇଲ ସ୍ୱା, ଆରସିଏସ ହଲ ସମେତ ବିଭିନ୍ନ ସ୍ଥାନରେ ହୋଇଥିଲା। ଚେସ୍, ବ୍ୟାଡମିଣ୍ଟନ, ହ୍ୟାଣ୍ଡବଲ, ଖୋ ଖୋ, ବାସ୍କେଟବଲ, ଦୌଡ଼କୁଦ, ସନ୍ତରଣ ଭଳି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ସଭାପତି ଆର.ଲକ୍ଷ୍ମୀ ତରୁଣ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ୧୫୦୦ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ଆର୍ମି ପବ୍ଲିକ ସ୍କୁଲ ଚାମ୍ପିୟାନ, ସେଣ୍ଟଭିନସେଣ୍ଟ ସ୍କୁଲ ରନର୍ସଅପ ଓ କେ.ସି ପବ୍ଲିକ ସ୍କୁଲ ତୃତୀୟ ହୋଇଥିଲା। କେ.ବି.ଜେ ରବି କୁମାର, କ୍ଲବର ଯୁବ ବ୍ୟାପାର ନିର୍ଦ୍ଦେଶକ ଲଳିତ ମଙ୍ଗରାଜ, ଅଧ୍ୟକ୍ଷ ମିଟେନ ଭୂୟାଁ ସହଯୋଗ କରିଥିଲେ। ପୂର୍ବତନ ସଭାପତି ସତ୍ୟକାମ ପାତ୍ର, ଭେଙ୍କଟ ଆନନ୍ଦ, ମଧୁସ୍ମିତା ସାହୁ, ଯୁଗ୍ମ ସମ୍ପାଦକ ଟି. ରାହୁଲ, କୋଷାଧ୍ୟକ୍ଷ ଭି. ସତ୍ୟନାରାୟଣ ଉପସ୍ଥିତ ଥିଲେ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପୁରାତନ ଛାତ୍ର ସଂଘର ବୈଠକ



ପୁରାତନ ଛାତ୍ର ସଂଘର ବୈଠକରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର, ୨୪।୧୧(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପୁରାତନ ଛାତ୍ର ସଂଗଠନର ବାର୍ଷିକ ବୈଠକ ନୂତନ ସମ୍ମିଳନୀ କକ୍ଷ ଠାରେ ରବିବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଭାଗର ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ପ୍ରଫେସର ଲକ୍ଷ୍ମୀ ନାରାୟଣ ରାଉତ, ପ୍ରଫେସର ମନ୍ମଥ ପାଢ଼ୀ, ଡ଼. ଶ୍ୟାମା ପ୍ରସାଦ ମିଶ୍ର, ଡ଼. ପଦ୍ମ ଚରଣ ପାଢ଼ୀ, ଗଗନ କୁମାର ସାହୁ, ଡ଼. ବବିତା ପାତ୍ର ମଂଚାସୀନ ଥିଲେ। ବିଭାଗର ଅଧାପକ ଡ଼. ରମାକାନ୍ତ ଭୂୟାଁ ସ୍ୱାଗତ ଭାଷଣ ଦେଇଥିଲେ । ବିଭାଗୀୟ ମୁଖ୍ୟ ଡ଼. ସଦାନନ୍ଦ ନାୟକ ପୁରାତନ ଛାତ୍ର ସଂଗଠନର ନିୟମାବଳୀ ଉପସ୍ଥାପନ କରିଥିଲେ। ଆଗାମୀ ବର୍ଷ ପାଇଁ ସଂଗଠନର କାର୍ଯ୍ୟକର୍ତ୍ତା ଚୟନ ହୋଇଥିଲା । ନୂତନ ସଭାପତି ଭାବେ ପ୍ରଫେସର ମନ୍ମଥ ପାଢ଼ୀ,ଉପ ସଭାପତି ଡ଼. ଶ୍ୟାମା ପ୍ରସାଦ ମିଶ୍ର,ସମ୍ପାଦକ ଡ଼. ସଦାନନ୍ଦ ନାୟକ, ସହ ସମ୍ପାଦିକା ଡ଼. ବବିତା ପାତ୍ର, କୋଷାଧକ୍ଷ ଡ଼. ରମାକାନ୍ତ ଭୂୟାଁ, ଉପଦେଷ୍ଟା ଭାବେ ପ୍ରଫେସର ଲକ୍ଷ୍ମୀ ନାରାୟଣ ରାଉତ ମନୋନୀତ ହୋଇଥିଲେ। ଡ଼. ବିଭୂଦତ୍ତ ଆଚାରୀ, ଡ଼. ଲକ୍ଷ୍ମୀ ପ୍ରିୟା ପଲେଇ, ଡ଼. ଏସ. ବାଲାଜୀ ପାତ୍ର, ଡ଼. ବଳରାମ ପୃଷ୍ଟି, ଗଗନ କୁମାର ସାହୁ, ଡ଼. ଘାସିଆ ହରିଜନଙ୍କୁ ସଭ୍ୟ ମନୋନୀତ କରାଯାଇଥିଲା । ବିଭାଗର ଇତିହାସ ଏବଂ ସଂସ୍କୃତିର ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ବିଭାଗୀୟ ମୁଖ୍ୟ ଡ଼. ନାୟକ ଧନ୍ୟବାଦ ଦେଇଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଗାଁ ପରିଦର୍ଶନ

ବ୍ରହ୍ମପୁର,୨୪।୧୧(ସ୍ମୃତି ରଞ୍ଜନ ମହାଲିକ)

ଗଜପତି ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ରବିବାର ଭାବିନୀପୁର ଗାଁ ପରିଦର୍ଶନ କରାଯାଇଛି। ପ୍ରଥମେ ଗ୍ରାମର ଏକ ମନ୍ଦିରରେ ସଭା ହୋଇଥିଲା। ପ୍ରଧାନାଚାର୍ଯ୍ୟ ଶରତ ଚନ୍ଦ୍ର ମୁନି ଓ ପର୍ଯ୍ୟାୟ ପ୍ରମୁଖ ଶିବରାମ କର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଚାର୍ଯ୍ୟ କାର୍ଯ୍ୟକ୍ରମ ସମ୍ପର୍କର ଉଦ୍ଦେଶ୍ୟ ନେଇ ସୂଚନା ଦେଇଥିଲେ। ବିଦ୍ୟାଳୟର ସ୍କାଉଟ୍ ଓ ଏନ୍‌ସିସି କ୍ୟାଡେଟଙ୍କ ଦ୍ୱାରା ମନ୍ଦିର ସଫେଇ, ଗାଁ ସଫେଇ, ଚାରାରୋପଣ, ଶିଶୁଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା। ସରପଞ୍ଚ ରଞ୍ଜିତ ସାହୁ ଯୋଗ ଦେଇଥିଲେ। ଆଚାର୍ଯ୍ୟ ପ୍ରଶାନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଚାର୍ଯ୍ୟା ଇନ୍ଦିରା ମିଶ୍ର ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସଭାପତି, ସମ୍ପାଦକ, ଉପସଭାପତି, କୋଷାଧ୍ୟକ୍ଷଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

# ଗୋସାଣୀ ନୂଆଗାଁ ଶିଶୁ ମନ୍ଦିରର ସଫଳତା


ଅତିଥିଙ୍କ ଗହଣରେ ସ୍କୁଲର କୃତୀ ପ୍ରତିଯୋଗୀ

ବ୍ରହ୍ମପୁର,୨୪।୧୧(ସ୍ମୃତି ରଞ୍ଜନ ମହାଲିକ)

ଗୋସାଣୀ ନୂଆ ଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅଖିଳ ଭାରତ ସ୍ତରରେ ମଧ୍ୟପ୍ରଦେଶ ଉଜ୍ଜୟିନୀଠାରେ ସଂସ୍କୃତି ମହୋତ୍ସବ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ବର୍ଗର ଶିଶୁ ଅଂଶଗ୍ରହଣ କରିଥିଲେ। ଏଥିରେ ବିଦ୍ୟାଳୟର ୩ ଶିଶୁ ୬ ସ୍ତର ଅତିକ୍ରମ କରି ଅଖିଳ ଭାରତ ସ୍ତରରେ ଯୋଗଦେଇ ଦ୍ୱିତୀୟ ସ୍ଥାନ ହାସଲ କରି ବିଦ୍ୟାଳୟର ଗୌରବ ଅର୍ଜନ କରିଛନ୍ତି। ସମ୍ବର୍ଦ୍ଧନା ଉତ୍ସବରେ କୃତୀ ଶିଶୁ ଓ ତାଙ୍କ ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ନାରାୟଣ ପଣ୍ଡା ଯୋଗ ଦେଇ ଆଗାମୀ ଦିନରେ ଅନେକ ଶିଶୁ କିଭଳି ଏହି ସ୍ତରରେ ପହଂଚି ପାରିବେ ସେ ନେଇ ମାର୍ଗ ଦର୍ଶନ କରିଥିଲେ। ବିଦ୍ୟାଳୟର ସଂପାଦକ ସମ୍ବର୍ଦ୍ଧିତ କରିବା ସହ ଆଗାମୀ ସ୍ୱପ୍ନ ସଫଳ କରିବା ପାଇଁ ଶୁଭେଚ୍ଛା ଜଣାଇଥିଲେ।

# ବିଶ୍ୱ ମଧୁମେହ ଦିବସ, ଜାତୀୟ ଫାର୍ମାସୀ ସପ୍ତାହରେ ସଚେତନତା



କାର୍ଯ୍ୟକ୍ରମରେ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

ବ୍ରହ୍ମପୁର,୨୪।୧୧(ସ୍ମୃତି ରଞ୍ଜନ ମହାଲିକ)

ବିଶ୍ୱ ମଧୁମେହ ଦିବସ ଓ ଜାତୀୟ ଫାର୍ମାସୀ ସପ୍ତାହ ସ୍ୱାସ୍ଥ୍ୟ ସଦନ ଓ ରୋଲାଣ୍ଡ ଫାର୍ମାସୀ କଲେଜ ପକ୍ଷରୁ ପାଳିତ ହୋଇଯାଇଛି। ଡା. ସୁନୀଲ କୁମାର କୋଚ୍ଚାଙ୍କ ତତ୍ତ୍ୱାବଧାନରେ ନୂଆ ବସଷ୍ଟାଣ୍ଡଠାରେ ଏକ ସଚେତନତା ପଦଯାତ୍ରା ହୋଇଥିଲା। ଏଥିରେ ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର ମୁଖ୍ୟ ଅତିଥି ଥିଲେ। ସମ୍ମାନନୀୟ ଅତିଥି ରୂପେ ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ ପଣ୍ଡା, ଭାରତୀୟ ଚିକିତ୍ସା ସଂଘର ବ୍ରହ୍ମପୁର ଶାଖା ସଂପାଦକ ଡା. କମଳାକାନ୍ତ ପାଣିଗ୍ରାହୀ, ରୋଲାଣ୍ଡ କଲେଜର ନିର୍ଦ୍ଦେଶିକା ଡା. ଶ୍ରୁତି ଜାମୁଲା, ରୋଲାଣ୍ଡ ଫାର୍ମାସୀ କଲେଜର ଅଧ୍ୟକ୍ଷ ଡା. ବି. ଭି. ଭି. ରବି କୁମାର ଯୋଗ ଦେଇଥିଲେ। ସୁସ୍ଥ ଜୀବନ ଯାପନ ପାଇଁ ନିୟମିତ ବ୍ୟାୟାମ ତଥା ସଠିକ ଜୀବନ ଶୈଳୀ ଉପରେ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। ଡା. କୋଚ୍ଚା ମଧୁମେହ ଚିକିତ୍ସାରେ ପ୍ରତିବନ୍ଧକ ହଟାନ୍ତୁ ଉପରେ ଆଲୋକପାତ କରିଥିଲେ। ଏହି ପଦଯାତ୍ରାରେ ୨୦୦ରୁ ଊର୍ଦ୍ଧ୍ୱ ଲୋକ ଭାଗ ନେଇଥିଲେ। ସ୍ନାୟୁରୋଗ ବିଶେଷଜ୍ଞ ଡା ଆନନ୍ଦ ଶାସ୍ତ୍ରୀ, ହୃଦରୋଗ ବିଶେଷଜ୍ଞ ଡା ବଦ୍ରି ଦଣ୍ଡପାଣି, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା ଜିତେନ୍ଦ୍ର ପାଣିଗ୍ରାହୀ ଓ ମାନସିକ ରୋଗ ବିଶେଷଜ୍ଞ ଡା ଟିକିନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ମନଇଚ୍ଛା ଛୁଟିରେ ଲାଗିବ ରୋକ

**କଡାକଡି ହେବ ଏଚଆରଏମଏସ ପୋର୍ଟାଲ**

ବ୍ରହ୍ମପୁର, ୨୪।୧୧(ସ୍ୱାଧୀନ ଶେଖର ପାଢ଼ୀ)

ସ୍କୁଲରେ ଶିକ୍ଷକ ଅନୁପସ୍ଥିତ ରହିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି। ଫଳରେ ବିଦ୍ୟାଳୟରେ ଶିକ୍ଷାଦାନରେ ଅସୁବିଧା ହେଉଛି। ଯାହା ପିଲାଙ୍କ ପାଠ ପଢା ଉପରେ ସିଧାସଳଖ ପ୍ରଭାବ ପକାଉଛି। ସରକାରୀ ସ୍କୁଲରେ ଏହା ଏକ ସବୁଦିନିଆ ଘଟଣା ହୋଇଗଲାଣି। ହେଲେ ଏହାକୁ ନେଇ ଏବେ ଆକ୍ସନ ମୋଡ଼କୁ ଆସିଛି ଶିକ୍ଷା ବିଭାଗ। ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିବା ଅମାନିଆ ଶିକ୍ଷକଙ୍କ ଉପରେ ନଜର ରଖିବା ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏବେ ଏଚଆରଏମଏସ (ହ୍ୟୁମାନ ରିସର୍ଚ୍ଚ ମ୍ୟାନେଜମେଣ୍ଟ ସିଷ୍ଟମ)ପୋର୍ଟାଲ ଜରିଆରେ ଛୁଟି ଆବେଦନ କରିବେ। ମଞ୍ଜୁର ହେଲେ ଛୁଟି ମିଳିବ। ଶିକ୍ଷୟିତ୍ରୀଶିକ୍ଷକ ମାନେ ନେଉଥିବା ମନଇଛା ଛୁଟିରେ ଏବେ ରୋକ ଲାଗିବ। ଅଧିକାରୀଙ୍କ ନିୟମିତ ପରିଭ୍ରମଣ ସମୟରେ ବହୁ ବିଦ୍ୟାଳୟରେ ଶିକ୍ଷକମାନେ ଅନୁପସ୍ଥିତ ରହୁଥିବା ଦେଖି କଡା ଆଭିମୁଖ୍ୟ ନୀତି ଅବଲମ୍ବନ କରାଯାଉଛି। ହେଲେ ବି ବହୁ ସମୟରେ ବିନା ଅନୁମତିରେ ଶିକ୍ଷକ ଅନୁପସ୍ଥିତ ରହୁଥିବା ନଜିର ରହିଛି। ଏହାକୁ ପ୍ରତିହତ କରିବା ଓ ଗୁଣାତ୍ମକ ଶିକ୍ଷା, ବିଦ୍ୟାର୍ଥୀଙ୍କ ବିକାଶକୁ ଆଖି ଆଗରେ ରଖି ନିର୍ଦ୍ଧାରିତ ନୀତି ଅନୁସାରେ ଛୁଟି ମିଳିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ବ୍ଲକରେ ସମୁଦାୟ ୭୯ ପ୍ରାଥମିକ ବିଦ୍ୟାଳୟ, ୫୬ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ୨୧ ଉଚ୍ଚ ବିଦ୍ୟାଳୟ ରହିଛି। ସରକାରୀ ନିୟମ ଅନୁସାରେ ସରକାରୀ ଶିକ୍ଷକଙ୍କ ପାଇଁ ୧୫ ,ଶିକ୍ଷୟିତ୍ରୀଙ୍କ ପାଇଁ ୨୭ ଓ ଠିକା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପାଇଁ ୧୨ଟି ପ୍ରାବଧାନ ରହିଛି। କିନ୍ତୁ ବହୁ ସମୟରେ ଛୁଟିରେ ରହୁଥିବା ଶିକ୍ଷକ ଶିକ୍ଷୟିତ୍ରୀ ପୂର୍ବରୁ ସୂଚନା ଦେଉନଥିବା ଜାଣିବା ପରେ କଠୋର ଆଭିମୁଖ୍ୟ ନେଇଛି ଶିକ୍ଷାବିଭାଗ। ଏଚଆରଏମଏସ ପୋର୍ଟାଲ ଜରିଆରେ ଛୁଟି ଆବେଦନ କରିବା ପରେ କର୍ତ୍ତୃପକ୍ଷଙ୍କ ସ୍ୱୀକୃତି ପରେ ମିଳିବ ଛୁଟି। ଅସଙ୍ଗତ ଅନୁପସ୍ଥିତିକୁ ଠିକ ରୂପରେ ପରିଚାଳନା କରିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା କହିଛନ୍ତି ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା। ଏହି ନିଷ୍ପତ୍ତିକୁ ବହୁ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସ୍ୱାଗତ କରିଛନ୍ତି। ସେମାନଙ୍କ କହିବା ଅନୁସାରେ ଅଳ୍ପ ସଂଖ୍ୟକ ଶିକ୍ଷକରେ ବିଦ୍ୟାଳୟ ପରିଚାଳନା କରିବା କଷ୍ଟକର ବ୍ୟାପର ହେଉଥିବା ବେଳେ ସାଥୀ କର୍ମଚାରୀଙ୍କ ଅକାରଣରେ ଅଚାନକ ଛୁଟି ନେବା ମୁଖ୍ୟ ସମସ୍ୟା ଉପୁଜୁଥିଲା। କିନ୍ତୁ ବର୍ତ୍ତମାନ ଆବେଦନ କରିବା ପରେ ଅନୁପସ୍ଥିତ ରହିବା ଦ୍ୱାରା ଶିକ୍ଷାଦାନ ଠାରୁ ଆରମ୍ଭ କରି କାର୍ଯ୍ୟଭାର ଅନ୍ୟଜଣଙ୍କୁ ହସ୍ତାନ୍ତର କରି ଯିବାକୁ ପରାମର୍ଶ ଦେଇପାରିବୁ ବୋଲି କହିଛନ୍ତି। ହେଲେ ଏହା ବିଦ୍ୟାଳୟରେ ଶିକ୍ଷକଙ୍କ ଅନୁପସ୍ଥିତି ରହିବା ବିଦ୍ୟର୍ଥୀଙ୍କ ଭଲ ପାଠପଢାରେ କେତେଦୂର ସହାୟକ ହେବ ତାହା ସମୟ କହିବ।

